# NATIONAL NEWS BULLETIN (ODIA)
## 15th January - 2026
## Morning Bulletin : 7.15 a.m.

*********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ରାଜ୍ୟଗୋଷ୍ଠୀ ଦେଶଗୁଡ଼ିକର ବାଚସ୍ପତି ଓ ପ୍ରିଜାଇଡିଂ ଅଧିକାରୀଙ୍କ ୨୮ତମ ସମ୍ମିଳନୀକୁ ଆଜି ନୂଆଦିଲ୍ଲୀରେ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।
- ପଞ୍ଜାବ ଓ ରାଜସ୍ଥାନ ଆଜିଠାରୁ ଦୁଇଦିନିଆ ଗସ୍ତରେ ଯିବେ ରାଷ୍ଟ୍ରପତି ।
- ୭୫ଟି ଦେଶର ନାଗରିକଙ୍କ ନିମନ୍ତେ ଆମେରିକା ଯିବା ଲାଗି ଭିସା ଉପରେ ନିଷେଧାଦେଶ ଜାରି କଲା ଟ୍ରମ୍ପ ପ୍ରଶାସନ ।
- ବରିଷ୍ଠ ଆଇ.ପି.ଏସ୍. ଅଧିକାରୀ ରାକେଶ ଅଗ୍ରୱାଲ୍ ହେଲେ ଏନ୍.ଆଇ.ଏ. ମହାନିର୍ଦ୍ଦେଶକ ।

ଏବଂ

- ଦ୍ୱିତୀୟ ଆନ୍ତର୍ଜାତିକ ଦିନିକିଆ କ୍ରିକେଟ୍ ମ୍ୟାଚ୍‌ରେ ଗତକାଲି ଭାରତକୁ ୭ ଓ୍ୱିକେଟ୍‌ରେ ପରାସ୍ତ କଲା ନ୍ୟୁଜିଲାଣ୍ଡ ।

## ପି.ଏମ୍. - ସି.ଏସ୍.ପି.ଓ.ସି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀର ସଂସଦ ଭବନ ପରିସରରେ ରାଜ୍ୟଗୋଷ୍ଠୀ ଦେଶଗୁଡ଼ିକର ବାଚସ୍ପତି ଓ ପ୍ରିଜାଇଡିଂ ଅଧିକାରୀ-CSPOCଙ୍କ ୨୮ତମ ସମ୍ମିଳନୀକୁ ଭାବେ ଉଦ୍‌ଘାଟନ କରିବେ । ଏଥିରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଅଧକ୍ଷତା କରିବେ । ୬୦ରୁ ଅଧିକ ରାଜ୍ୟଗୋଷ୍ଠୀ ଦେଶର ବାଚସ୍ପତି ଓ ୪୨ଟି ଅର୍ଦ୍ଧ-ସ୍ୱୟଂଶାସିତ ସଂସଦର ପ୍ରିଜାଇଡିଂ ଅଧିକାରୀ ଏହି ତିନିଦିନିଆ ସମ୍ମିଳନୀରେ ଯୋଗଦେଇଛନ୍ତି । ବିଭିନ୍ନ ଦେଶର ସମସାମୟିକ ସଂସଦୀୟ ପ୍ରସଙ୍ଗ ସମେତ ଏହି ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକର ମୂଲ୍ୟବୋଧକୁ ବଜାୟ ରଖିବା ଦିଗରେ ବାଚସ୍ପତି ଏବଂ ପ୍ରିଜାଇଡିଂ ଅଧିକାରୀମାନଙ୍କର ଭୂମିକା ଏବଂ ଏ ସମ୍ପର୍କିତ ଜ୍ଞାନର ଆଦାନପ୍ରଦାନ କରିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । କୃତ୍ରିମ ବୁଦ୍ଧିମତାର ବ୍ୟବହାର, ନବସୃଜନଶୀଳ ଚିନ୍ତାଧାରା, ସାମାଜିକ ଗଣମାଧ୍ୟମର ପ୍ରଭାବ, ଗଣତନ୍ତ୍ରର ସୁରକ୍ଷା, ସାଂସଦଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ପ୍ରସଙ୍ଗ ଆଧାରରେ ଏହି ସମ୍ମିଳନୀ ଅବସରରେ ବିଭିନ୍ନ ଅଧିବେଶନ ଅନୁଷ୍ଠିତ ହେବ ।

ଏହି ସମ୍ମିଳନୀର ପ୍ରଥମ ଦିନରେ ଦିଲ୍ଲୀର ଲାଲ୍‌କିଲ୍ଲା ପରିସରରେ ଗତକାଲି CSPOCର ସ୍ଥାୟୀ କମିଟି ବୈଠକ ଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ଶ୍ରୀ ବିର୍ଲା କହିଛନ୍ତି, ସଂସଦୀୟ ଗଣତାନ୍ତ୍ରିକ ପଦ୍ଧତିକୁ ଅଧିକ ସଶକ୍ତ କରିବା ଦିଗରେ CSPOC ଏକ ବିଶ୍ୱସ୍ତରୀୟ ମଞ୍ଚ ରୂପେ ଦାୟିତ୍ୱ ନିର୍ବାହ କରୁଛି । ଏହି ସମ୍ମିଳନୀରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ି ଏବଂ ସଚିବ ସତ୍ୟବ୍ରତ ରାଉତ ମଧ୍ୟରେ ଯୋଗ ଦେଇଛନ୍ତି । ଏହି ସମ୍ମିଳନୀର ଉଦ୍‌ଯାପନୀ ଅବସରରେ ବାଚସ୍ପତି ଶ୍ରୀ ବିର୍ଲା ବ୍ରିଟେନ୍‌ର ହାଉସ୍ ଅଫ୍ କମନ୍ସର ଅଧ୍ୟକ୍ଷ ଲିଣ୍ଡସେ ହୋଇଲ୍‌ଙ୍କୁ CSPOCର ପରବର୍ତ୍ତୀ ଅଧ୍ୟକ୍ଷତା ପାଇଁ ଦାୟିତ୍ୱ ହସ୍ତାନ୍ତର କରିବେ ।

## ପ୍ରେଜ୍ - ପଞ୍ଜାବ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଦୁଇଦିନିଆ ପଞ୍ଜାବ ଓ ରାଜସ୍ଥାନ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ରାଷ୍ଟପତି ଆଜି ଅମୃତସରସ୍ଥିତ ଗୁରୁ ନାନକଦେବ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲି ଶ୍ରୀମତୀ ମୁର୍ମୁ ଜଳନ୍ଧରସ୍ଥିତ ଡକ୍ଟର ବି.ଆର୍. ଆମ୍ବେଦକର ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର

୨୧ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ୧ ହଜାର ୪୫୨ ଜଣ ବିଦ୍ୟାର୍ଥୀଙ୍କୁ ଡିଗ୍ରୀ ପ୍ରଦାନ କରିବେ ।

ଏହି ଅବସରରେ ରାଷ୍ଟ୍ରପତି ଏକ ବୃହତ ଜାତୀୟ ପତାକା ସ୍ତମ୍ଭ, ସାଇବର ନିରାପତ୍ତା ଓ ୫-ଜି ଲାଗି ଦୁଇଟି ଉତ୍କର୍ଷ କେନ୍ଦ୍ରର ଉଦ୍‌ଘାଟନ କରିବେ । ଏତଦ୍‌ବ୍ୟତୀତ ଜୟପୁରସ୍ଥିତ ରାମାନନ୍ଦ ମିଶନଦ୍ୱାରା ଆୟୋଜିତ ଏକ ହଜାର ୮ କୁଣ୍ଡିୟ ହନୁମାନ ମହାଯଜ୍ଞରେ ମଧ୍ୟ ରାଷ୍ଟ୍ରପତି ମୁର୍ମୁ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟପତିଙ୍କ ଏହି ଗସ୍ତ ଲାଗି ଅମୃତସର ଓ ଜଳନ୍ଧରରେ ସମସ୍ତ ପ୍ରକାର ଡ୍ରୋନ୍, ଏୟାରକ୍ରାଫ୍ଟ ଓ ହେଲିକପ୍ଟର ଉଡ଼ାଣ ଉପରେ କଟକଣା ଜାରି କରାଯାଇଛି ।

## ଡି.ପି.ଆଇ.ଆଇ.ଟି. - ଷ୍ଟାର୍ଟଅପ୍ କର୍ଟନ୍ ରେଜର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ଷ୍ଟାର୍ଟଅପ୍ ଦିବସ ପାଳନ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ନୂଆଦିଲ୍ଲୀରେ ଗତକାଲି ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ସଚିବ ଅମରଦୀପ ସିଂହ ଭାଟିଆ କହିଛନ୍ତି, ୨୦୧୬ ମସିହାରେ ଶୁଭାରମ୍ଭ ହୋଇଥିବା ଷ୍ଟାର୍ଟଅପ୍ ଇଣ୍ଡିଆ ଏବେ ୧୦ ବର୍ଷ ପୂରଣ କରିଛି । ଷ୍ଟାର୍ଟଅପ୍

ଇକୋସିଷ୍ଟମ୍ ସହ ସଂଯୋଗ ସ୍ଥାପନ କରିବା ଲାଗି ସମସ୍ତଙ୍କପାଇଁ ଏହି ସ୍ୱତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଦେଶର ୩ ହଜାରରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ଭାଟିଆ କହିଛନ୍ତି ।

## ସୋନୋୱାଲ୍ - ଓମାନ

ଗୁଜରାଟର ପୋର୍ ବନ୍ଦରରୁ ଯାତ୍ରା ଆରମ୍ଭ କରିଥିବା ଭାରତୀୟ ନୌସେନା ଜାହାଜ କୌଣ୍ଡିନ୍ୟ ଗତକାଲି ମସ୍କଟ୍‌ର ସୁଲ୍‌ତାନ କାବୁସ୍ ବନ୍ଦରରେ ପହଞ୍ଚିଛି । କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ କାବୁସ୍ ବନ୍ଦରରେ ଏହାକୁ ସ୍ୱାଗତ କରି କହିଛନ୍ତି, ଭାରତ-ଓମାନ ମଧ୍ୟରେ କୂଟନୈତିକ ସମ୍ପର୍କର ୭୦ ବର୍ଷ ପାଳନ ଅବସରରେ କୌଣ୍ଡିନ୍ୟର ଏହି ଯାତ୍ରା ଦୁଇ ଦେଶର ସହଭାଗୀ ସାମୁଦ୍ରିକ ଐତିହ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟକୁ ପ୍ରତିଫଳିତ କରୁଛି । ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱର ଏକ ଜ୍ୱଳନ୍ତ ଉଦାହରଣ ଭାବେ ବର୍ଣ୍ଣନା କରି ସେ କହିଛନ୍ତି, ଭାରତର ପ୍ରାଚୀନ ଜାହାଜ ନିର୍ମାଣ ପ୍ରତିଭାକୁ ପୁନର୍ଜୀବିତ କରିବା ତଥା ବିଶ୍ୱ ସମ୍ମୁଖରେ ଗର୍ବର ସହିତ ଏହାକୁ ଉପସ୍ଥାପନ କରିବା ତାଙ୍କର ଦୃଢ଼ ସଙ୍କଳ୍ପ ଥିଲା । ଜାହାଜ ନିର୍ମାଣ କ୍ଲଷ୍ଟର ସୃଷ୍ଟି କରିବା ସହିତ ଏଦିଗରେ ଉତ୍ସର୍ଗୀକୃତ ଗବେଷଣା ଓ ବିକାଶ ଲାଗି ଏକ ସାମୁଦ୍ରିକ ବିକାଶ

ପାଣ୍ଠି ପ୍ରତିଷ୍ଠା ମାଧ୍ୟମରେ ଭାରତ ପକ୍ଷରୁ କରାଯାଇଥିବା ୮ ଦଶମିକ ୪ ବିଲିୟନ ଡଲାର୍ ବ୍ୟୟ ଅଟକଳ ସମ୍ପର୍କରେ ଶ୍ରୀ ସୋନୋୱାଲ୍ ଘୋଷଣା କରିଛନ୍ତି ।

## ୟୁ.ଏସ୍. ଭିସା ପ୍ରୋସେସିଙ୍ଗ୍

ଟ୍ରମ୍ପ୍‌ଙ୍କ ପ୍ରଶାସନ ପକ୍ଷରୁ ୭୫ଟି ଦେଶର ନାଗରିକଙ୍କ ନିମନ୍ତେ ଆସନ୍ତା ୨୧ ତାରିଖରୁ ଆମେରିକା ଯିବା ଲାଗି ଭିସା ଉପରେ ନିଷେଧାଦେଶ ଜାରି କରାଯାଇଛି । ଆମେରିକା ପକ୍ଷରୁ ସରକାରୀ ଭାବେ ଦିଆଯାଇଥିବା ସୂଚନା ଅନୁଯାୟୀ’ ମୁଖ୍ୟତଃ ସୋମାଲିଆ, ରୁଷ୍, ଇରାନ୍, ଆଫଗାନିସ୍ତାନ, ପାକିସ୍ତାନ, ବାଂଲାଦେଶ, ନାଇଜେରିଆ, ଇଜିପ୍ଟ, ଥାଇଲାଣ୍ଡ, ବ୍ରାଜିଲ୍ ସମେତ ଆଫ୍ରିକା, ଏସିଆ, ମଧ୍ୟପ୍ରାଚ୍ୟ, ୟୁରୋପ୍ ଓ ଲାଟିନ୍ ଆମେରିକା ଦେଶଗୁଡ଼ିକ ଏହାଦ୍ୱାରା ପ୍ରଭାବିତ ହେବେ ବୋଲି ଜଣାଯାଇଛି । ଆମେରିକାର ଭବିଷ୍ୟତର ବିକାଶକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଡୋନାଲ୍ ଟ୍ରମ୍ପ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଇଛି ।

# ଜାପାନିଜ୍ ଏଫ୍.ଏମ୍. ଇଣ୍ଡିଆ ଭିଜିଟ୍

ଜାପାନର ବୈଦେଶିକ ମନ୍ତ୍ରୀ ତୋଶିମିସୁ ମୋଟେଗି ଆସନ୍ତାକାଲିଠାରୁ ତିନିଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଆସନ୍ତାକାଲି ହାଇଦ୍ରାବାଦ ହାଉସ୍‌ଠାରେ ଶ୍ରୀ ମୋଟେଗି ତାଙ୍କର ଭାରତୀୟ ପ୍ରତିପକ୍ଷ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହିତ ସାକ୍ଷାତ୍ ଆଲୋଚନା କରିବେ । ଶନିବାର ଦିନ ଶ୍ରୀ ମୋଟେଗି ରାଜଘାଟ ଯାଇ ଜାତିର ଜନକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାନପ କରିବା ପରେ ଦିଲ୍ଲୀ ମେଟ୍ରୋ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ଚଳିତ ବର୍ଷ ଜି-୨୦ ନେତୃତ୍ୱ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କର ଜାପାନ ପ୍ରତିପକ୍ଷର ସାନେ ତାକାଇଚିଙ୍କ ମଧ୍ୟରେ ହୋଇଥିବା ଆଲୋଚନା ପରେ ଶ୍ରୀ ମୋଟେଗି ଭାରତ ଗସ୍ତରେ ଆସିଛନ୍ତି । ଏହି ଅବସରରେ ଭାରତ-ଜାପାନ ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱ ଭାଗିଦାରୀର ଅଗ୍ରଗତି ଉପରେ ଉଭୟ ଦେଶ ମଧ୍ୟରେ ଆଲୋଚନା କରାଯିବ ।

## ଏନ୍.ଆଇ.ଏ.

ବରିଷ୍ଠ ଆଇ.ପି.ଏସ୍. ଅଧିକାରୀ ରାକେଶ ଅଗ୍ରୱାଲ୍‌ଙ୍କୁ ଜାତୀୟ ତଦନ୍ତକାରୀ ଏଜେନ୍ସି–ଏନ୍.ଆଇ.ଏ.ର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି । ନିଯୁକ୍ତି ସମ୍ପର୍କିତ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତିକ୍ରମେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗତକାଲି ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ୧୯୯୪ ବ୍ୟାଚ୍‌ର ହିମାଚଳ ପ୍ରଦେଶ କ୍ୟାଡର୍‌ର ଆଇ.ପି.ଏସ୍. ଅଧିକାରୀ ଶ୍ରୀ ଅଗ୍ରୱାଲ୍ ୨୦୨୮ ଅଗଷ୍ଟ ୩୧ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ ।

## ଏମ୍.ଇ.ଏ. - ଇରାନ୍ ଆଡ୍‌ଭାଇଜରୀ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ତାଙ୍କର ଇରାନ୍ ପ୍ରତିପକ୍ଷ ସୟଦ୍ ଆବାସ୍ ଆରାଘ୍‌ଚିଙ୍କ ସହିତ ଟେଲିଫୋନ ଯୋଗେ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଇରାନ୍ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ସ୍ଥିତି ଉପରେ ମୁଖ୍ୟତଃ ସେମାନେ ଆଲୋଚନା କରିଛନ୍ତି ।

ଏହି ଆଲୋଚନା ଲାଗି ଶ୍ରୀ ଆରାଘ୍ଚି ତାଙ୍କୁ ଫୋନ୍ କରିଥିଲେ ବୋଲି ଡକ୍ଟର ଜୟଶଙ୍କର ଏହି ପୋଷ୍ଟରେ ସୂଚନା ଦେଇଛନ୍ତି ।

ଇରାନ୍‌ରେ ବର୍ତ୍ତମାନ ଦେଖାଦେଇଥିବା ସ୍ଥିତିକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି ହେବା ପର୍ଯ୍ୟନ୍ତ ଭାରତୀୟ ନାଗରିକଙ୍କୁ ଇରାନ୍ ଯାତ୍ରା ନ କରିବା ଲାଗି ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି । ପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡ଼ିକୁ ଅନାବଶ୍ୟକ ଯାତ୍ରା ଉପରେ ଭାରତୀୟ ନାଗରିକଙ୍କ ପାଇଁ କଟକଣା ଜାରି କରାଯାଇଥିଲା । ଇତିମଧ୍ୟରେ ତେହେରାନ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଭାରତୀୟ ନାଗରିକମାନଙ୍କୁ ଇରାନ୍‌ରୁ କମର୍ସିଆଲ୍ ବିମାନ ଏବଂ ଅନ୍ୟାନ୍ୟ ପରିବହନ ବ୍ୟବସ୍ଥା ଜରିଆରେ ସ୍ୱଦେଶ ଫେରିଆସିବା ଲାଗି ପରାମର୍ଶ ଦିଆଯାଇଛି । ଦୂତାବାସ ପକ୍ଷରୁ ଜାରି କରାଯାଇଥିବା ହେଲ୍‌ପ୍‌ଲାଇନ୍ ନମ୍ବରଗୁଡ଼ିକ ହେଲା - +989128109115, +980128109109, +989128109102 ଏବଂ +989932179359 ।

## କ୍ରିକେଟ୍ - ଓ.ଡି.ଆଇ.

ରାଜକୋଟଠାରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ଆନ୍ତର୍ଜାତିକ ଦିନିକିଆ କ୍ରିକେଟ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ’ ଭାରତକୁ ୭ ୱିକେଟ୍‌ରେ ପରାସ୍ତ କରିଛି ।

ଏଥିସହିତ ଏହି ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍ ବର୍ତ୍ତମାନ ୧-୧ରେ ବରାବର ରହିଛି । ଗତକାଲି ନିରଞ୍ଜନ ଶାହା ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭର୍‌ରେ ୭ ୱିକେଟ୍ ହରାଇ ୨୮୪ ରନ୍ କରିଥିଲା । ଦଳ ପକ୍ଷରୁ କେ. ଏଲ୍. ରାହୁଲ୍ ସର୍ବାଧିକ ଅପରାଜିତ ୧୧୨ ରନ୍ କରିଥିବାବେଳେ ଅଧିନାୟକ ଶୁଭମନ୍ ଗିଲ୍ ୫୬ ରନ୍ କରିଥିଲେ ।

୨୮୫ ରନ୍ ବିଜୟ ଲକ୍ଷ୍ୟର ପିଛା କରି ନ୍ୟୁଜିଲାଣ୍ଡ ୪୭ ଓଭର ଓ ୩ଟି ବଲ୍‌ରେ ୭ ୱିକେଟ୍ ହାତରେ ଥାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଡାରିଲ୍ ମିଚେଲ୍ ଅପରାଜିତ ୧୩୧ ରନ୍ କରିବା ସହିତ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଏହି ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ୧୮ ତାରିଖ ରବିବାର ଦିନ ଇନ୍ଦୋରଠାରେ ଖେଳାଯିବ ।

## କ୍ରିକେଟ୍ - ଡବ୍ଲ୍ୟୁ.ପି.ଏଲ୍.

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ’ ୟୁ.ପି. ୱାରିୟର୍ସ ବିପକ୍ଷରେ ୭ ୱିକେଟ୍‌ରେ ବିଜୟ ଲାଭ

କରିଛି । ଗତ ରାତିରେ ନବି ମୁମ୍ବାଇର ଡି.ଓ୍ୱାଇ. ପାଟିଲ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୩ ଓ୍ୱିକେଟ୍ ହରାଇ ୧୫୮ ରନ୍ କରିଥିଲା । ଦଳ ପକ୍ଷରୁ ଲିଜେଲ୍ ଲି ସର୍ବାଧିକ ୬୭ ରନ୍ କରିଥିବାବେଳେ ଶେଫାଳି ବର୍ମା ୩୬ ରନ୍ କରିଥିଲେ । ୧୫୯ ରନ୍ ବିଜୟ ଲକ୍ଷ୍ୟର ପିଛା କରି ୟୁ.ପି. ଓ୍ୱାରିୟର୍ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ଓ୍ୱିକେଟ୍ ହରାଇ ୧୫୪ ରନ୍ କରିପାରିଥିଲା । ଦଳ ପକ୍ଷରୁ ଅଧିନାୟକ ମେଗ୍ ଲାନିଙ୍ଗ୍ ସର୍ବାଧିକ ୫୪ ରନ୍ କରିଥିଲେ । ଶେଫାଳି ବର୍ମା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଏହି ସଂସ୍କରଣର ଆଜିକାର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ୟୁ.ପି. ଓ୍ୱାରିୟର୍ସ ମଧ୍ୟରେ ମୁକାବିଲା ହେବ । ନବି ମୁମ୍ବାଇର ଡି.ଓ୍ୱାଇ. ପାଟିଲ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

*****